# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8th September – 2025

**********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି ଉପରାଷ୍ଟ୍ରପତିଙ୍କ ନିର୍ବାଚନ

– ନୂଆଦିଲ୍ଲୀରେ ଓଡ଼ିଶାର ବିଜେପି ସାଂସଦଙ୍କ ବୈଠକ

- ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆତ୍ମନିର୍ଭର ଭାରତର ମୂଳଦୁଆ; କହିଲେ କେନ୍ଦ୍ର ମନ୍ତ୍ରୀ ମନସୁଖ ମାଣ୍ଡବୀୟ

- ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ୬୮ ବର୍ଷ ବୟସରେ ପରଲୋକ

ଏବଂ

- ଡିଜିଟାଲ ଯୁଗରେ ସାକ୍ଷରତାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ସାକ୍ଷରତା ଦିବସ

Desk

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନୂଆଦିଲ୍ଲୀରେ ଆଜି ଓଡ଼ିଶାର ବିଜେପି ସାଂସଦଙ୍କ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ଯୋଗ ଦେଇଛନ୍ତି । ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ବିଜେପି ଅଧ୍ୟକ୍ଷ ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଆସନ୍ତାକାଲି ଉପରାଷ୍ଟ୍ରପତିଙ୍କ ନିର୍ବାଚନ ଅନୁଷ୍ଠିତ ହେବ । ଏନ୍‌ଡିଏ ପକ୍ଷରୁ ସି.ପି. ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି ପ୍ରାର୍ଥୀ ଥିବାବେଳେ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ଇଣ୍ଡି ମେଣ୍ଟ ପ୍ରାର୍ଥୀ କରିଛି ।

GNR

# ଏମ୍‌ଓୟୁ-ମାଣ୍ଡବ୍ୟ

ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସଶକ୍ତ ଓ ଆତ୍ମନିର୍ଭର ଭାରତର ମୂଳଦୁଆ ବୋଲି କେନ୍ଦ୍ର ଶ୍ରମ, ରୋଜଗାର ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଅଧିକ କର୍ମ ନିୟୋଜନ ସୃଷ୍ଟି ତଥା ଯୁବପିଢ଼ିଙ୍କୁ ଦକ୍ଷତା ସମ୍ପନ୍ନ କରାଇବା ଲାଗି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏବଂ ଏକ

ବେସରକାରୀ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶ୍ରୀ ମାଣ୍ଡବୀୟ କହିଛନ୍ତି, ନ୍ୟାସନାଲ କ୍ୟାରିୟର ସର୍ଭିସ ପୋର୍ଟାଲ ଯୁବପିଢ଼ିଙ୍କୁ ରୋଜଗାର ଯୋଗାଇଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏଥିରେ ୫୧ ଲକ୍ଷ ପଞ୍ଜୀକରଣ ହୋଇଛି।

Koraput

## ରାଜ୍ୟପାଳ- କଫି ଚାଷ

କଫି ଚାଷ କୋରାପୁଟ ଜିଲ୍ଲାର ଆଦିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଚାରିଦିନିଆ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଗସ୍ତରେ ଯାଇ ରାଜ୍ୟପାଳ କଫି ଚାଷ କ୍ଷେତ୍ର ପରିଦର୍ଶନ କରି କଫି ବୋର୍ଡର ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାରେ କଫି ଚାଷକୁ ଆହୁରି ବ୍ୟାପକ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟପାଳ ଜିଲ୍ଲାରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ବିଧାୟକ ରୂପ ଭଦ୍ରା, ରଘୁରାମ ମାଛ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳ ଆଜି ସନ୍ଧ୍ୟାରେ ସାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ନାଲ୍‌କୋ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

Desk

# ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆଜି ବନ୍ଦ ରହିଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯୋଗୁଁ ଜନଅଭିଯୋଗ ଶୁଣାଣୀକୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ଶୁଣାଣୀ ନିଷ୍ପତ୍ତି ଗଣମାଧ୍ୟମ ଦ୍ୱାରା ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

Nuapada

# ବିଧାୟକଙ୍କ ପରଲୋକ

ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ଆଜି ସକାଳେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଶ୍ରୀ ଢୋଲକିଆ ନୂଆପଡ଼ା ଆସନରୁ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ତାଙ୍କ ବିୟୋଗରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ଢୋଲକିଆଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ରାଜନୀତି ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱର୍ଗତଃ ଢୋଲକିଆଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

Desk

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଆଜି ଦିବସର ବାର୍ତ୍ତା ରହିଛି ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା । ଅକ୍ଟୋବର ୨୬, ୧୯୬୬ ମସିହାରେ ପ୍ରଥମ ଥରପାଇଁ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ସେପ୍ଟେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ସାକ୍ଷରତା ହାର ୭୪ ଦଶମିକ ୪ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ସାକ୍ଷରତା ହାର ୬୫

ଦଶମିକ ୪/୬ ଓ ପୁରୁଷଙ୍କ ସାକ୍ଷରତା ହାର ୮୨ଦଶମିକ ୧/୪ ପ୍ରତିଶତ ରହିଥିଲା ।

HS

## ଧର୍ମେନ୍ଦ୍ର- ସାକ୍ଷରତା

ସାକ୍ଷରତା ଲୋକଙ୍କ ସଶକ୍ତୀକରଣ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱୟ ରଖିଥିବା ୟୁ.ଏଲ୍.ଏଲ୍.ଏସ-ଉଲ୍ଲାସ କାର୍ଯ୍ୟକ୍ରମର ପ୍ରୟାସ, ମୌଳିକ ସାକ୍ଷରତା ଓ ଦକ୍ଷତାର ଅଭାବକୁ ଦୂର କରୁଛି। ସମଗ୍ର ଦେଶରେ ଅବିରତ ଶିକ୍ଷା ସଂସ୍କୃତିକୁ ଏହି କାର୍ଯ୍ୟକ୍ରମ ପ୍ରୋତ୍ସାହନ ଦେଉଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଅର୍ନ୍ତଜାତୀୟ ସାକ୍ଷରତା ଦିବସରେ ଜ୍ଞାନର ଆଲୋକକୁ ସମସ୍ତଙ୍କ ପାଖରେ ପହଁଞ୍ଚାଇବା, ଶିକ୍ଷିତ ବିକଶିତ ଓ ସମୃଦ୍ଧ ଭାରତ ନିର୍ମାଣ ପାଇଁ ଏକତ୍ରୀତ ହେବା ପ୍ରତିବଦ୍ଧତାକୁ କେନ୍ଦ୍ର ମନ୍ତ୍ରୀ ପୁନର୍ବାର ଦୋହରାଇଛନ୍ତି।

Deks/Subarnpur/V

## ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ଗୁଡ଼ିଏ କ୍ଷେତ୍ରରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ବେଳେ ଆଉ କେତେକ କ୍ଷେତ୍ରରେ ଏହାକୁ ହ୍ରାସ କରାଯାଇଛି । ବୟନଶିଳ୍ପ କ୍ଷେତ୍ରରେ ମଧ୍ୟ ଜିଏସଟି ସଂସ୍କାର ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମତ ପ୍ରକାଶ ପାଇଛି ।

ଚଳିତ ମାସ ୨୨ ତାରିଖରୁ ଲାଗୁହେବାକୁ ଥିବା ନୂତନ ଜିଏସଟି ହାର ବୟନ ଶିଳ୍ପ କ୍ଷେତ୍ରରେ ଥିବା ଦ୍ୱନ୍ଦ୍ୱକୁ ଦୂର କରି କ୍ରୟ କ୍ଷମତା ଓ ଚାହିଦା ବୃଦ୍ଧି କରିବ । ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ଓ କର୍ମଜୀବୀମାନେ ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ । ବୟନଶିଳ୍ପ କ୍ଷେତ୍ରରେ ମନୁଷ୍ୟକୃତ ଫାଇବର୍ କ୍ଷେତ୍ରରେ ଟିକସ ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଅନ୍ୟ କେତେକ କ୍ଷେତ୍ରରେ ଏହାକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଜିଏସଟି ପରିଷଦ ହାତ ତିଆରି ବସ୍ତ୍ର, ପାପୋଛ, ଗାଲିଚା ଭଳି ଦ୍ରବ୍ୟ ଉପରେ ଜିଏସଟି ହାର ୫ ପ୍ରତିଶତକୁ ହ୍ରାସ କରିଛି ।

କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଏବଂ ସଂଶୋଧିତ ଜିଏସ୍‌ଟି ଜନସଂସ୍କାରକୁ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱାଗତ କରାଯାଇଛି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଲୋକଙ୍କ ଆବଶ୍ୟକୀୟ ସାମଗ୍ରୀରୁ ଜିଏସ୍‌ଟି ହ୍ରାସ ସହ ନୂତନ ପରିଯୋଜନା ଆର୍ଥିକ ଦୁର୍ବଳ ଶ୍ରେଣୀ, ନିମ୍ନ ମଧ୍ୟବିତ୍ତ ଓ ସବୁବର୍ଗର ଲୋକଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିବ ବୋଲି ସୁବର୍ଣ୍ଣପୁରର ଜଣେ ବ୍ୟବସାୟୀ ଦିଲ୍ଲୀପ ପାତ୍ର ଆକାଶବାଣୀକୁ କହିଛନ୍ତି...

**- V/O –**

Desk

# ଉତ୍କଳ ବିଶ୍ୱବିଦ୍ୟାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ବିଶ୍ୱବିଦ୍ୟାଳୟର ର୍ୟାଙ୍କିଙ୍ଗ ଓ ଗୁଣାତ୍ମକ ପାଠପଢ଼ା ପ୍ରତି ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟକୁ ଅଣଛାତ୍ରମୁକ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ୪ଟି ହଷ୍ଟେଲରେ ବ୍ୟାପକ ଯାଞ୍ଚ କରାଯାଉଛି। ବନ୍ଦ ଥିବା ହଷ୍ଟେଲ ରୁମ୍‌ର ତାଲା ଭାଙ୍ଗି କର୍ତ୍ତୃପକ୍ଷ ଯାଞ୍ଚ କରୁଛନ୍ତି। କ୍ୟାମ୍ପସରେ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି।

CTC

## ସିଙ୍ଗଲ ଓ୍ୱିଣ୍ଡୋ

ଆସନ୍ତା ଦୁର୍ଗାପୂଜା ନିମନ୍ତେ ବିଭିନ୍ନ ଅନୁମତିପତ୍ର ପ୍ରଦାନ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥବା ଏକକ ବାତାୟନ ବ୍ୟବସ୍ଥାକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ପୂଜା କମିଟି ଗୁଡ଼ିକର ଅନୁରୋଧ ପରେ ପୂଜା ପେଣ୍ଡାଲ ଏବଂ ଗେଟ୍ ନିର୍ମାଣ ପାଇଁ ହୋଇଥିବା ସିଙ୍ଗଲ ଓ୍ୱିଣ୍ଡୋ ବ୍ୟବସ୍ଥାକୁ ଆଜି ଦିନକ ପାଇଁ କାର୍ଯ୍ୟକ୍ଷମ ରଖାଯାଇଛି । ତେବେ ଆଜି ପରେ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ।

Dhenkanal

## ବଜ୍ରପାତ-ସଚେତନତା ରଥ

ଢେଙ୍କାନାଳ ଜିଲ୍ଲାରେ ବଜ୍ରପାତରୁ ରକ୍ଷା ପାଇବା ନିମନ୍ତେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲ୍ଲାର ୨୧୪ଟି ଗ୍ରାମପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ବଜ୍ରପାତ ପ୍ରତି ସାବଧାନତା ଅବଲମ୍ବନ କରିବାକୁ ସଚେତନ କରାଇବ।

BHK

## ଚାରାବଣ୍ଟନ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବନାଞ୍ଚଳ ପକ୍ଷରୁ ବ୍ୟାପକ ଚାରା ବଣ୍ଟନ କରାଯାଇଛି। ଚାନ୍ଦବାଲି ବନାଞ୍ଚଳ ଅଧୀନରେ ଥିବା ୬୩ଟି ପଞ୍ଚାୟତରେ ହରିଡ଼ା, ବାହାଡ଼ା, ଅଁଳା, ଶାଗୁଆନ ଆଦି ବିଭିନ୍ନ ପ୍ରକାର ଚାରାବଣ୍ଟନ କାର୍ଯ୍ୟ ଶେଷ ହୋଇଛି ବୋଲି ବନବିଭାଗ ଅଧିକାରୀ କହିଛନ୍ତି।

Kandhamal

## ସଡ଼କ ଦୁର୍ଘଟଣା

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ନିକଟରେ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ମାମଲାର ତଦନ୍ତ କରୁଛି।

Desk

## ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି

ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ରାଜ୍ୟର କୌଣସି ନଦୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ଆଉ କିଛି ସମୟ ପରେ ବନ୍ୟା ଜଳ ଧୀରେ ଧୀରେ କମିଯିବ ବୋଲି ଆଶା କରାଯାଉଛି। ମୁଣ୍ଡଳିରେ ବନ୍ୟାଜଳ ହ୍ରାସ ପାଇ ୪ ଲକ୍ଷ ୫୮ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ହୀରାକୁଦର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି ବୋଲି ଶ୍ରୀ ପାଢ଼ି ସୂଚନା ଦେଇଛନ୍ତି।

**- V/O -**

**********************************